# ପାପଡ଼ାହାଣ୍ଡିରେ ଅକ୍ଷରଧାମ, ରାଜସ୍ଥାନ ରାଜମହଲ




ଶ୍ରୀଶ୍ରୀଶ୍ରୀ ଦୁର୍ଗା ପୂଜା କମିଟି ଓ ସାର୍ବଜନୀନ ପୂଜା କମିଟିର ସୁନ୍ଦର ସୁଉଚ୍ଚ ତୋରଣ।

**ପାପଡ଼ାହାଣ୍ଡି,୨।୧୦(ଡି.ଏନ୍.ଏ.)**

ଦଶହରା ଲାଗି ଚଳଚଞ୍ଚଳ ହୋଇଉଠିଛି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସହର। ଲୋକଙ୍କ ଲାଗି ମୁଖ୍ୟ ଆକର୍ଷଣ ରହିଛି ବସ୍‌ଷ୍ଟାଣ୍ଡର ସାର୍ବଜନୀନ ପୂଜା କମିଟିର ରାଜସ୍ଥାନର ରାଜମହଲ ଓ ମନ୍ଦିର ପ୍ରାଙ୍ଗଣରେ ଥିବା ଶ୍ରୀଶ୍ରୀଶ୍ରୀ ଦୁର୍ଗା ପୂଜା କମିଟିର ଦିଲ୍ଲୀ ଅକ୍ଷରଧାମ ତୋରଣ। ଅକ୍ଷରଧାମ ତୋରଣର ଉଚ୍ଚତା ୭୦ ଫୁଟ ଓ ଚଉଡ଼ା ୮୦ ଫୁଟ ରହିଛି। ଏହି ତୋରଣ ତିଆରି କରିବାକୁ କୋଲ୍‌କାତା କାରିଗର ଆସିଛନ୍ତି। ଲାଇଟ ସାଜସଜ୍ଜା କରିଛନ୍ତି କଟକ କାରିଗର। ସେହିପରି ବସ୍‌ଷ୍ଟାଣ୍ଡ ତୋରଣର ଉଚ୍ଚତା ୭୦ ଓ ଚଉଡ଼ା ୯୦ ଫୁଟ ରହିଛି। ଢେଙ୍କାନାଳ କାରିଗର ତୋରଣ କରିଥିବା ବେଳେ ଲାଇଟ କାମ ପାଇଁ କୋଲ୍‌କାତା କାରିଗର ଆସିଛନ୍ତି। ଉଭୟ ପୂଜା କମିଟି ପକ୍ଷରୁ ବସ୍‌ଷ୍ଟାଣ୍ଡ ଛକରୁ ଭୈରବ ମନ୍ଦିର ପର୍ଯ୍ୟନ୍ତ ଲାଇଟ ସଜାଯାଇଛି।

### କାମ କରିଛନ୍ତି କୋଲ୍‌କାତା, କଟକ, ଢେଙ୍କାନାଳ କାରିଗର

ଶ୍ରୀଦୁର୍ଗା ପୂଜା କମିଟି ପକ୍ଷରୁ ଦଶହରାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ରଖାଯାଇଛି। ଅର୍କେଷ୍ଟ୍ରା ସହ ଦେଶିଆ ନାଚର ମଧ୍ୟ ଆୟୋଜନ କରାଯାଇଛି। ଅବିଭକ୍ତ କୋରାପୁଟ ସହ କଳାହାଣ୍ଡି, ଛତିଶଗଡ଼ ଅଞ୍ଚଳର ଲୋକମାନଙ୍କ ଭିଡ଼ ଏବେଠାରୁ ଜମିଲାଣି। ଉଭୟ ପୂଜା କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଦଶହରା ଲାଗି ଆଲୋଚନା ହୋଇଛି। ଲୋକଙ୍କ ମନୋରଞ୍ଜନ ଲାଗି ମୀନାବଜାର ଓ ସହର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନୀଙ୍କ ପସରା ଲାଗିଲାଣି। ୨ ବର୍ଷ ପରେ ଦଶହରା ପାଳିତ ହେଉଥିବାରୁ ଚଳିତବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି।



ନବରଙ୍ଗପୁର ସହରସ୍ଥିତ ଜିଲା ପୋଲିସ ବିଭାଗ ପୂଜା ମଣ୍ଡପ ।



ନବରଙ୍ଗପୁର ସହରର ଘରୋଇ ବସ୍‌ଷ୍ଟାଣ୍ଡ ପୂଜାମଣ୍ଡପ ।




ଡାବୁଗାଁରେ ହୋଇଥିବା ଇଣ୍ଡିଆଗେଟ୍ ତୋରଣ ।

## ଆକର୍ଷଣ ସାଜିଛି ଇଣ୍ଡିଆ ଗେଟ୍ ତୋରଣ

**ଡାବୁଗାଁ, ୨।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଦୁର୍ଗା ମଣ୍ଡପରେ ରବିବାର ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଶନିବାର ସନ୍ଧ୍ୟାରେ ମା' ଠାକୁରାଣୀ ମନ୍ଦିର ପୁଷ୍କରିଣୀରେ ଜଳାଧିବାସ ସହ ଗଙ୍ଗା ଆବାହନ କରାଯାଇ ବିଲ୍ୱବରଣ କରାଯାଇଥିଲା। ବାଜା ବଜାଇ, ବାଣ ଫୁଟାଇ ମହାଆଡ଼ମ୍ବରରେ ମା'ଙ୍କ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ରାତିରେ ଷଷ୍ଠୀ ପୂଜା କରାଯାଇଥିଲା। ରବିବାର ଚକ୍ଷୁଦାନ କରିବା ସହ ମା'ଙ୍କୁ ଆବାହନ କରାଯାଇ ସପ୍ତମୀ ପୂଜା ହୋଇଥିଲା। ମୁଖ୍ୟ ପୂଜକ ମହେଶ ଚନ୍ଦ୍ର ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ଅନ୍ୟ ପୂଜକମାନେ ଏଥିରେ ସହାୟତା କରୁଛନ୍ତି। ଡାବୁଗାଁରେ ଇଣ୍ଡିଆ ଗେଟ୍ ତୋରଣ ଆକର୍ଷଣ ସାଜିଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସହର ଝଲସି ଉଠୁଛି। ପୂଜା ଦେଖିବାକୁ ଅପରାହ୍ନରୁ ଭକ୍ତଙ୍କ ଗହଳି ଲାଗିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
rgdselfie@gmail.com



@ ସୁଚାପା



@ ବଳିଆ



@ ସୁଶାନ୍ତ



@ ମନୋଜ



@ ରିକି

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଚିକିତ୍ସା ନ କରାଇ କଟକରୁ ଘରକୁ ଫେରିଆସିଲେ ନୟନ

**ନବରଙ୍ଗପୁର,୨।୧୦ (ବି.ପ୍ର.)**

- ପୁଅର ଚିକିତ୍ସା ପାଇଁ ମା' ଭତ୍ତା କାର୍ଡ ବନ୍ଧକ ରଖିବା ଘଟଣା
- ପୁଅ ନୟନଙ୍କୁ କଟକ ପଠାଇଥିଲା ନବରଙ୍ଗପୁର ଜିଲା ପ୍ରଶାସନ
- ନୟନଙ୍କ କାଉନ୍‌ସେଲିଂ କରି ଚିକିତ୍ସା ସୁବିଧା ଯୋଗାଇବ ପ୍ରଶାସନ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଗାଦବାଗୁଡା ଗ୍ରାମର ନୟନ ଖୁରାଙ୍କ ଡାହାଣ ଗୋଡ଼ରେ ସମସ୍ୟା ଯୋଗୁ ସେ ଚାଲି ପାରୁ ନ ଥିବାରୁ ତାଙ୍କ ମା' ସୁଲୋଚନା ପୁଅର ଚିକିତ୍ସା ପାଇଁ ନିଜ ଭତ୍ତା ଓ ରାଶନ କାର୍ଡ ବନ୍ଧକ ରଖିଥିଲେ। ଜିଲା ପ୍ରଶାସନ ଖବର ପାଇ ସୁଲୋଚନାଙ୍କ ଭତ୍ତା ଓ ରାଶନ କାର୍ଡ ମୁକୁଳାଇବା ସହ ନୟନଙ୍କୁ ଚିକିତ୍ସା ପାଇଁ କଟକ ପଠାଇଥିଲେ। ସେଠାରେ ସେମାନଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରି ଜିଲା ସ୍ୱାସ୍ଥ୍ୟ ବିଭାଗ ଜୁନିଅର ଆସିଷ୍ଟାଣ୍ଟ ପ୍ରଦୀପ ଦଳେଇଙ୍କୁ ସହଯୋଗ ପାଇଁ ସାଙ୍ଗରେ ପଠାଇଥିଲେ। ପରେ ପୀତବାସ ହାଲପା, ସେକ୍ଟର ସୁପରଭାଇଜର ପ୍ରଦୀପ ଦାଶ ନିୟମିତ ବ୍ୟବଧାନରେ କଟକରେ ନୟନଙ୍କ ପାଖରେ ରହି ଚିକିତ୍ସା ବ୍ୟବସ୍ଥା ସହ ସହାୟତା କରୁଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ(ପରିବାର କଲ୍ୟାଣ) ନୀଳମଣି ଦିଲୀପ ଚାନ୍ଦ ବେହେରା ମଧ୍ୟ କଟକ ଯାଇ ନୟନଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ବିଶେଷଜ୍ଞ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ଆଲୋଚନା କରି ଫେରିଥିଲେ। ତଥାପି ମଧ୍ୟ ନୟନ ନିଜ ଚିକିତ୍ସା ନ କରାଇ କଟକରୁ ନିଜ ଗାଁକୁ ଫେରିଆସିଛନ୍ତି। ଜିଲା ପ୍ରଶାସନ ତାଙ୍କର କାଉନ୍‌ସେଲିଂ କରାଇ ପୁଣିଥରେ ନୟନଙ୍କୁ ଚିକିତ୍ସା ସୁବିଧା ଯୋଗାଇବାକୁ ଚେଷ୍ଟା ଚଳାଇଛି।

ସେପ୍ଟେମ୍ବର ୭ରେ କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲକୁ ନୟନଙ୍କୁ ପଠାଯାଇଥିଲା। ୧୦ତାରିଖରେ ଜାରୁରିକୋଳୀନ ୱାର୍ଡରେ ଭର୍ତ୍ତି କରାଯାଇ ତାଙ୍କର ସମସ୍ତ ପରୀକ୍ଷା କରାଯାଇଥିଲା। ପରେ ସର୍ଜରି ୱାର୍ଡରେ ରଖାଯାଇ ଅଧିକ ଚିକିତ୍ସା କରାଯାଉଥିଲା। ନୟନଙ୍କ ଡାହାଣ ଗୋଡରେ ଓଷ୍ଟିଓସାର୍କମା ହୋଇଥିବା ଜଣାପଡିଥିଲା। ବିଶେଷଜ୍ଞ ଦଳ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ ସୁଦ୍ଧା ନୟନ ଅସ୍ତ୍ରୋପଚାର କରିବାକୁ ମନା କରିଦେଇଥିଲେ। ପରେ କେମୋ ଥେରାପି ଓ ରେଡିଓ ଥେରାପି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୟନ କୌଣସି ସହଯୋଗ କରି ନ ଥିଲେ। ମାନସିକ ବିଚଳିତ ହୋଇ ମାଆ ସୁଲୋଚନାଙ୍କୁ ମାଡ଼ ମାରୁଥିଲେ। କଟକ ଡାକ୍ତର ଓ ନବରଙ୍ଗପୁର ସିଡିଏମ୍‌ଓ ବୁଝାଶୁଝା କଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ମୋର କୌଣସି କ୍ଷତି ଘଟିଲେ କାହାର ଦୋଷ ରହିବ ନାହିଁ, ନିଜ ଇଚ୍ଛାରେ ହସ୍ପିଟାଲ ଛାଡି ଯାଉଛି ବୋଲି ଲେଖି ନୟନ ୨୯ ତାରିଖ ରାତିରେ କଟକରୁ ନିଜ ଗାଁକୁ ଫେରି ଆସିଛନ୍ତି। ସିଡିଏମ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତର ଦେବାଶିଷ ରାଉତ ୧ ତାରିଖରେ କଟକରେ ପହଞ୍ଚିବାବେଳକୁ ନୟନ ସେଠାରୁ ଫେରିଆସିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ନୟନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଦୃଷ୍ଟି ରଖିଛି।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କଲା ବ୍ଲକ ପ୍ରଶାସନ

**ନନ୍ଦାହାଣ୍ଡି,୨।୧୦(ଡି.ଏନ୍.ଏ )**

ନନ୍ଦାହାଣ୍ଡି ବ୍ଲକରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଡା. ବିକାଶ ବାରିକ, ଡା. ସୁଶାନ୍ତ କୁମାର ଜେନା, ଡା. କବିନ୍ଦ୍ର କୁମାର ସାହୁ , ଡା. ସଂଘମିତ୍ରା ମହାପାତ୍ରଙ୍କ ଦ୍ୱାରା ବ୍ଲକର ୩୫ ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ଦିଆଯାଇଛି। ଏଥିସହ ପଞ୍ଚାୟତ ସମିତି ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦିଆଯାଇ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୀଷା ରଥ ଏବଂ କାର୍ଯ୍ୟକ୍ରମ ସହାୟକ ବିଚିତ୍ର ଶତପଥୀଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ମାଝି, ଉପାଧ୍ୟକ୍ଷ ସଦନ ଗୌଡ଼, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ସମସ୍ତ ସରପଞ୍ଚ, ବିଡିଓ ଶିବଶଙ୍କର ମୁର୍ମୁ, ଏବିଡିଓ ପ୍ରଫୁଲ୍ଲ କହଁର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟାଧିକାରୀ ଡା. ବିକାଶ ବାରିକ, ବିଧାୟକ ପ୍ରତିନିଧି ଦୟାନିଧି ବିଷୋୟୀ, ବ୍ଲକ ଯୁବ ସଭାପତି ପୁରନ୍ଦର ଭତରା ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକଙ୍କୁ ଯେପରି ସୁବିଧାରେ ସରକାରୀ ଯୋଜନା ମିଳିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସରପଞ୍ଚମାନଙ୍କୁ କୁହାଯାଇଛି।

## 'ସ୍ୱଚ୍ଛତା ହିଁ ସେବା'ର ଶପଥ

**ତେନ୍ତୁଳିଖୁଣ୍ଟି, ୨।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଟଙ୍କଧର ଭୋଇ ଓ ଏସ୍‌ଆଇ ସସ୍ମିତା ପୂଜାରୀଙ୍କ ନେତୃତ୍ୱରେ ଥାନାର ୩୩ ଜଣ କର୍ମଚାରୀ ପରେଡ଼ କରି କୁର୍ମାକୋଟ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେମାନେ ମହାତ୍ମା ଗାନ୍ଧୀଙ୍କ ଶୃଙ୍ଖଳିତ ଜୀବନଶୈଳୀ ଓ ଦଶହରା ଅବସରରେ ଶାନ୍ତି ଶୃଙ୍ଖଳା ରକ୍ଷା ବାର୍ତ୍ତା ଦେଇଥିଲେ। ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିରେ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଆୟୋଜିତ ସଭାରେ 'ସ୍ୱଚ୍ଛତା ହିଁ ସେବା' ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବିଡିଓ, ଜିପିଇଓ ମଣ୍ଟୁ ସ୍ୱାଇଁ, ବିଏସ୍‌ଏସ୍‌ଓ ରବୀନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ନୀଳେନ୍ଦ୍ରି ନାୟକ, ଖବରଦାତା, ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ବାରିଜ ପଟ୍ଟନାୟକ ଓ ବ୍ଲକ କର୍ମଚାରୀ ଉପସ୍ଥିତ ରହି ଶପଥ ନେଇଥିଲେ।

## ଶରଧାପୁରରେ ଗାନ୍ଧୀ ଜୟନ୍ତୀ

**ଚନ୍ଦାହାଣ୍ଡି, ୨।୧୦(ଡି.ଏନ୍.ଏ.)**

ଚନ୍ଦାହାଣ୍ଡି ବ୍ଲକ କଂଗ୍ରେସ ପକ୍ଷରୁ ଶରଧାପୁରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ପିସିସି ସମ୍ପାଦକ କ୍ଷେମରାଜ ବାଘ ମୁଖ୍ୟ ଅତିଥି, ବ୍ଲକ୍ କଂଗ୍ରେସ ସଭାପତି ହୁମେଶ୍ୱର ହଂସ, ବରିଷ୍ଠ କଂଗ୍ରେସ ନେତା ଜଗଦୀଶ ବାଘ, କୃଷ୍ଣ ବାଘ, ଜୟଦେବ ନିଆଲ୍ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଲିଙ୍ଗରାଜ ମାଝି,ପ୍ରଣୟ ମାଝି,ଅର୍ଜ୍ଜୁନ ସୁନାନି, ଶଙ୍କର ମାଝି,ତନୁରାମ ବାଘ, ନରେନ୍ଦ୍ର ମାଝି, ଗୁଞ୍ଜୁ ମାଝି ସ୍ଥାନୀୟ ଯୁବ ଗୋଷ୍ଠୀ ପରିଚାଳନା କରିଥିଲେ।

## ଫରେଷ୍ଟ ଗାର୍ଡ ସୁନୀଲଙ୍କୁ ବିଜୁ ପଟ୍ଟନାୟକ ସମ୍ମାନ

**ପାପଡ଼ାହାଣ୍ଡି,୨।୧୦(ଡି.ଏନ୍.ଏ.)**

### ବନ୍ୟଜନ୍ତୁ ସପ୍ତାହ ପାଳିତ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ମୃଗ ବିହାରରେ ବନ୍ୟଜନ୍ତୁ ସପ୍ତାହ ପାଳିତ ହୋଇଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଡିଏଫ୍‌ଓ ପ୍ରସନ୍ନ ବେହେରା, ଏସିଏଫ୍‌ଓ ଧନୁର୍ଜୟ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବନ୍ୟଜନ୍ତୁଙ୍କ ସୁରକ୍ଷା, ବନ୍ୟ ଜନ୍ତୁଙ୍କ ସଂରକ୍ଷଣ ଓ ଅବାଧ ଶିକାର କିପରି ରୋକାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପାପଡ଼ାହାଣ୍ଡି ଫରେଷ୍ଟ ଗାର୍ଡ ସୁନୀଲ କୁମାର ବେହେରାଙ୍କୁ ବିଜୁ ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପାପଡ଼ାହାଣ୍ଡି ଫରେଷ୍ଟରେ ଲକ୍ଷ୍ମୀକାନ୍ତ ବିଷୋୟୀ ସହଯୋଗ କରିଥିଲେ। ଜିଲାର ୬ ରେଞ୍ଜରଙ୍କ ସହ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।




ଫରେଷ୍ଟ ଗାର୍ଡଙ୍କୁ ବିଧାୟକ ସମ୍ମାନିତ କରୁଛନ୍ତି।

## ଗାନ୍ଧୀ ଜୟନ୍ତୀରେ ଉଦ୍ୟାନ ସଫେଇ

**ଡାବୁଗାଁ, ୨।୧୦ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ରବିବାର ପାଳିତ ହୋଇଛି। ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଶିଶୁ ଉଦ୍ୟାନ ପରିସରରେ ଡାବୁଗାଁ ବ୍ଲକ ପରିମଳ ମିଶନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ପରିସର ସଫା କରାଯିବା ପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡାବୁଗାଁ ବିଡିଓ ଶରତ ମାଝି, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ନେଟୀ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସୀ ନାୟକ, ବିପିସି ଯୋଗେନ୍ଦ୍ର ମାଝି, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ, ସୁରେଶ ବାରିକ, ସାମୁଏଲ ସାଧୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ରିସର୍ଚ୍ଚ କୋଅର୍ଡିନେଟର ମାନସ ମୁଖାର୍ଜୀ ପରିଚାଳନା କରିଥିଲେ।

## ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ନବରଙ୍ଗପୁର, ୨।୧୦(ବି.ପ୍ର.)**

### ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିର କପୋତ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ନବରଙ୍ଗପୁର ସଦର ମହକୁମାରେ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାତଃ ସହରରେ ପ୍ରଭାତଫେରି, ରାମଧୁନ୍ ପରିବେଷଣ ସହ ସହରସ୍ଥିତ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ ଡ. କମଲଲୋଚନ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ତହସିଲଦାର ରବୀନ୍ଦ୍ର ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ବରିଷ୍ଠ ନାଗରିକ ସଂଘ ସଭାପତି ଡ. ରାଧାନାଥ ବେହେରା, ଡିଆଇପିଆର୍‌ଓ ହଳଧର ନିଆଲ୍, ବିଜୟ କୁମାର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

ଏହି ଅବସରରେ ରାଜା ଚୈତନ୍ୟ ଦେବ ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସହ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି, ଡ. ବିଜୟ କୁମାର ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଡ. ରାଧାନାଥ ବେହେରା, ବିଜୟ କୁମାର ଚୌଧୁରୀ, ଜେମାମଣି ବିଶୋଇ, ତହସିଲଦାର ରବୀନ୍ଦ୍ର କୁମାର ରାଉତ ଯୋଗଦେଇଥିଲେ। ଛାତ୍ରୀଛାତ୍ର, ଯୁବ ପିଢ଼ି ମହାପୁରୁଷଙ୍କ ଜୀବନୀ ପଢ଼ିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ହଳଧର ନିଆଲ୍ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଧନ୍ୟବାଦ୍ ଦେଇଥିଲେ। ଏଥିରେ ଦିଲ୍ଲୀପ ମଲ୍ଲିକ, ରାଜେନ୍ଦ୍ର ମାଝି, ଶ୍ୟାମ ସୁନ୍ଦର ପୂଜାରୀ ଓ ଏ. ସନ୍ତୋଷ କୁମାର ସହଯୋଗ କରିଥିଲେ।



ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ଜଙ୍ଗଲ ଜମି ଅଧିକାର କମିଟି ଗଠନ

ଚିତ୍ରକୋଣ୍ଡା,(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗଡ଼ା ପଞ୍ଚାୟତର ସାର୍କୁବନ୍ଧା ଗ୍ରାମରେ ଜଙ୍ଗଲ ଜମିପଟ୍ଟାକୁ ନେଇ ଜଙ୍ଗଲ ଜମି ଅଧିକାର କମିଟି ଗଠନ ଲାଗି ଏକ ପଲ୍ଲିସଭା ଆୟୋଜିତ ହୋଇଥିଲା। ଏଥିରେ ସରପଞ୍ଚ କମଲୁ ହନ୍ତାଳ, ଶିକ୍ଷକ ସୁରେନ୍ଦ୍ର ହନ୍ତାଳ, ଅଙ୍ଗନୱାଡ଼ି କର୍ମୀ ସସ୍ମିତା ବେହେରା,ଏସ୍ଏଚ୍‌ଜି ସଦସ୍ୟାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ପଲ୍ଲିସଭାରେ ୧୫ଜଣିଆ ଜଙ୍ଗଲ ଜମି ଅଧିକାର କମିଟି ଗଠନ ହୋଇଥିଲା।

## ସଂକ୍ଷେପରେ

### ବଜ୍ରପାତରେ ମହିଳା ଚାଷୀଙ୍କ ମୃତ୍ୟୁ

କୋଟପାଡ଼,୨୧୦ (ଡି.ଏନ.ଏ.)- କୋରାପୁଟ ଜିଲା କୋଟପାଡ଼ ଘୁମର ପଞ୍ଚାୟତର ସରାଦଗୁଡା ଗ୍ରାମରେ ରବିବାର ଅପରାହ୍ନ ୩ଟାରେ ବଜ୍ରପାତ ଘଟି ଜଣେ ମହିଳା ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଫୁଲମତୀ ବିଶୋୟୀ(୨୪)। ଫୁଲମତୀ ନିଜ ଜମିରେ କାମ କରୁଥିବା ବେଳେ ଝିପ୍ ଝିପ୍ ବର୍ଷା ହୋଇ ହଠାତ୍ ବଜ୍ରପାତ ହୋଇଥିଲା। ସେଠାରେ ସେ ଟଳି ପଡିଥିଲେ। ଆଖପାଖ ଜମିରେ କାମ କରୁଥିବା ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇ ଫୁଲମତୀଙ୍କୁ ତୁରନ୍ତ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଫୁଲମତୀ ଦୁଇବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ରହିଛି।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ନବରଙ୍ଗପୁର,୨୧୦(ବି.ପ୍ର.) ନବରଙ୍ଗପୁର ଥାନା ଅଧୀନ କୁଲ୍ଲୁ ଘାଟି ଗାଁ ନିକଟରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କବାଗୁଡା ଗାଁର ବଳିରାମ ଭତରା। ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ଅଛନ୍ତି। ଖବର ଲେଖା ହେବା ସୁଦ୍ଧା ସେମାନଙ୍କ ପରିଚୟ ମିଳିନାହିଁ। ସୂଚନାନୁଯାୟୀ, ବଳିରାମ ଓ ତାଙ୍କ ୨ଜଣ ସାଙ୍ଗ ବାଇକ୍‌ରେ ଯାଉଥିଲେ। ସେମାନେ ନିୟନ୍ତ୍ରଣ ହରାଇ ରାସ୍ତା କଡରେ ଥିବା ଏକ ୪ ଚକିଆ ଗାଡ଼ିରେ ପିଟି ହୋଇଯାଇଥିଲେ। ଘଟଣା ସ୍ଥଳରେ ବଳିରାମଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆହତ ୨ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ବାଇକ୍ ଜବତ କରିଛି। ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ଆଣିଛି।

### କରୁଣାକରଙ୍କୁ ଗ୍ଲୋବାଲ ଗାନ୍ଧୀ ରତ୍ନ ଆୱାର୍ଡ

କୋରୁକୋଣ୍ଡା, ୨୧୦(ଡି.ଏନ.ଏ.) ମାଲକାନଗିରି ଜିଲା ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ କରୁଣାକର ମଲିକଙ୍କୁ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ସ୍ୱାଧୀନତା ଆଜାଦୀ ମହୋତ୍ସବ ପାଳନ ଅବସରରେ ଗ୍ରୀନ ଇଣ୍ଡିଆ ଫାଉଣ୍ଡେସନ ପରିବାର ପକ୍ଷରୁ ଗ୍ଲୋବାଲ ଗାନ୍ଧୀ ରତ୍ନ ଆୱାର୍ଡ-୨୦୨୨ ସମ୍ମାନ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଗୁରୁ ଦିବସ ଅବସରରେ ଶିକ୍ଷା ରତ୍ନ -୨୦୨୨" ସମ୍ମାନରେ ସମ୍ମାନିତ ହୋଇଥିଲେ।

### ଗଞ୍ଜେଇ ଚାଷ ନ କରିବା ନେଇ ସଚେତନତା କାର୍ଯ୍ୟକ୍ରମ

କୋରୁକୋଣ୍ଡା, ୨୧୦(ଡି.ଏନ.ଏ.) ମାଲକାନଗରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିମିଟାପାଲ୍ଲିରେ ଗଞ୍ଜେଇ ଚାଷ ନ କରିବା ପାଇଁ ଓର୍କେଲ ପୋଲିସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା ଏସ୍‌ଡିପିଓ ଆଲେକ୍ସିଅସ କିସ୍ପୋଟା, ଥାନା ଅଧିକାରୀ ଜନ ଖଜୁର, ଚିମିଟାପାଲ୍ଲୀ ସରପଞ୍ଚ, ପଞ୍ଚାୟତର ୱାର୍ଡମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଗଞ୍ଜାଚାଷର ନକାରାତ୍ମକ ପ୍ରଭାବ, ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇ ଗଞ୍ଜେଇ ଚାଷ ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା।

# ରାସ୍ତାରେ ପଡିଛି ମୃଦୁପାନୀୟ, ଚକୋଲେଟ, ବିସ୍କୁଟ୍

କୋରୁକୋଣ୍ଡା, ୨୧୦(ଡି.ଏନ.ଏ.)

ଚିତ୍ରକୋଣ୍ଡା ଏବଂ ବାଲିମେଳାକୁ ସଂଯୋଗ କରୁଥିବା ଘାଟି ରାସ୍ତାରେ ରବିବାର ସକାଳେ ସନ୍ଦେହଜନକ ଅବସ୍ଥାରେ କୁଢ଼ କୁଢ଼ ଖାଦ୍ୟ ପର୍ଦାଥ ପଡିଥିବା ଦେଖିବାକୁ ମିଳିଛି। କେତେକ ବ୍ୟକ୍ତି ପେଟି ପେଟି ମୃଦୁ ପାନୀୟ, ଚକୋଲେଟ, ବିସ୍କୁଟ ଘାଟି ଅଞ୍ଚଳର ବିଭିନ୍ନ ସ୍ଥାନରେ ପକାଇ ଚାଲିଯାଇଥିବା ସନ୍ଦେହ କରାଯାଉଛି। ଏହି ରାସ୍ତାରେ ଏପରି ଖାଦ୍ୟପଦାର୍ଥ ପକାଇବା ପ୍ରଥମ ଘଟଣା ନ ଥିଲେ ମଧ୍ୟ ଆଜି ଏହା ଯେପରି ଭାବେ ପଡିଥିଲା ତାହା ସନ୍ଦେହ ସୃଷ୍ଟି କରିଛି। ପ୍ରାୟ ୫ରୁ ଅଧିକ ସ୍ଥାନରେ ଏଣେତେଣେ ପଡିଥିବା ଏହି ଖାଦ୍ୟ ପଦାର୍ଥଗୁଡିକ ଯଦିଓ ଉକ୍ତ ଅଞ୍ଚଳରେ ବନ୍ୟ ଜୀବଜନ୍ତୁଙ୍କୁ ଖାଦ୍ୟ ପ୍ରଦାନ ଉଦ୍ଦେଶ୍ୟରେ ପକାଯାଇଥାଇପାରେ ତଥାପି ଏହା ସନ୍ଦେହମୁକ୍ତ ହୋଇପାରୁନାହିଁ। ହୁଏତ ଖାଦ୍ୟ ପର୍ଦାଥଗୁଡିକର ଖାଦ୍ୟପଯୋଗୀ ବୈଧତା ଶେଷ ହୋଇଯାଇଥିବାରୁ କେହି ଫିଙ୍ଗି ଦେଇଥାଇପାରେ କିମ୍ବା କୌଣସି ଖଳ ପ୍ରକୃତିର ଲୋକ ବନ୍ୟଜନ୍ତୁଙ୍କ ଶିକାର କରିବା ପାଇଁ ସେଥିରେ କୌଣସି ବିଷାକ୍ତ ଦ୍ରବ୍ୟ ମିଶାଇ ପକାଇଥାଇପାରେ। ଉଭୟ କ୍ଷେତ୍ରରେ ଏହା ବନ୍ୟ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିବା ନେଇ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ଗତ ଦିନରେ ଉକ୍ତ ରାସ୍ତାରେ ମାଙ୍କଡଙ୍କ ପାଇଁ ବେପରୁଆ ଭାବେ ଖାଦ୍ୟ ପକାଉଥିବା ବ୍ୟକ୍ତିଙ୍କ କାରଣରୁ ଅନେକ ଦୁର୍ଘଟଣା ଘଟି ବନ୍ୟଜନ୍ତୁଙ୍କ କ୍ଷତି ହୋଇଛି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ଜଙ୍ଗଲର ସ୍ଥାନେ ସ୍ଥାନେ ବନ୍ୟ ଜନ୍ତୁଙ୍କୁ ଖାଦ୍ୟ ପର୍ଦାଥ ବେପରୁଆ ଢଙ୍ଗରେ ନ ଦେବା ପାଇଁ ବୋର୍ଡ଼ ଲଗାଇଛି। ମାତ୍ର ଏହା କେବଳ ଲେଖାରେ ସୀମିତ ରହିଛି।


ବନ ବିଭାଗ କର୍ମଚାରୀମାନେ ରାସ୍ତାରେ ପଡିଥିବା ଖାଦ୍ୟ ତଦାରଖ କରୁଛନ୍ତି ।

### ସଂଗ୍ରହ କରି ପରୀକ୍ଷା ନ କରି ନଷ୍ଟ କରିଦେଲା ବନ ବିଭାଗ

ଘଟଣା ନେଇ ବନ ବିଭାଗ ଦୃଷ୍ଟି ଆକର୍ଷଣ କରିବା ପରେ ବନ ବିଭାଗର ଏକ ଟିମ ସମ୍ପୃକ୍ତ ଅଞ୍ଚଳରୁ ପଡିଥିବା ଖାଦ୍ୟ ପଦାର୍ଥଗୁଡିକ ସଂଗ୍ରହ କରି ନେଇଛି । ଚିତ୍ରକୋଣ୍ଡା ଏବଂ ବାଲିମେଳା ବନ ବିଭାଗ ପକ୍ଷରୁ କିଛି ଖାଦ୍ୟ ପଦାର୍ଥ ଉକ୍ତ ସ୍ଥାନରେ ହିଁ ପୋଡି ନଷ୍ଟ କରାଯାଇଛି। ଆଉ କିଛି ଖାଦ୍ୟ ପଦାର୍ଥ ଉପଯୁକ୍ତ ସ୍ଥାନରେ ପକାଇଦେବା ପାଇଁ ବାଲିମେଳା ବନ ବିଭାଗ ସଂଗ୍ରହ କରି ନେଇ ଆସିଛି । ତେବେ ଏହି ଖାଦ୍ୟ ପଦାର୍ଥଗୁଡିକର ମାନ ଯାଞ୍ଚ ନ କରି କୌଣସି ପରୀକ୍ଷା ନିରୀକ୍ଷା ନ କରି ବନ ବିଭାଗ ଏଭଳି ତରବରିଆ ଭାବେ ପୋଡି ନଷ୍ଟ କରିଦେବା ଏବଂ ଫିଙ୍ଗିଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଭାତଫେରି କାର୍ଯ୍ୟକ୍ରମ, ୬ ଶିକ୍ଷକ ସମ୍ମାନିତ



ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ପ୍ରଭାତ ଫେରି ଶୋଭାଯାତ୍ରା ।

କାଲିମେଳା, ୨୧୦(ଡି.ଏନ.ଏ.)

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଓ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କାଲିମେଳା ବଜାରରେ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ କାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରସତୀ ଶିଶୁ ବିଦ୍ୟା ମନ୍ଦିରର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୧୫ ଫୁଟ ଲମ୍ବର ଜାତୀୟ ପତାକା ଧରି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ପ୍ରଭାତ ଫେରି କରି ସହର ପରିକ୍ରମା କରିଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କାଲିମେଳା ପଞ୍ଚାୟତ ସିଆରସିସି ରଞ୍ଜିତ ସର୍କାର, ଶିକ୍ଷକ ଅକ୍ଷୟ ପଣ୍ଡା, କାଙ୍ଗୁରୁକୋଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଯଶିତା ମହାନ୍ତି, ବ୍ଲକ କଲୋନୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧ୍ରୁବ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଜଗବନ୍ଧୁ ଶତ୍ରୁଶଲ୍ୟ ସଭା ପରିଚାଳନା କରିଥିଲେ । ଏହି ଅବସରରେ ବ୍ଲକର ୬ ଜଣ କତୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ମାନିତ ଶିକ୍ଷକମାନେ ହେଲେ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ନାଥ ସାହୁ, ଜବାନପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବାଜୁରି ବେଟୀ, କୁରମାନୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ ଡାଲି, ଲୁଗେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ ବାଇନ, ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏବଂ ଅବସରପ୍ରାପ୍ତ ପ୍ରଦାନ ଶିକ୍ଷକ ଜୟନ୍ତ ସାମଲ।

# ନିଆରା ଉଦାହରଣ ସୃଷ୍ଟି କରିଛି ସାପ-ମଣିଷ ସମ୍ପର୍କ

ମାଲକାନଗିରି, ୨୧୦(ଡି.ଏନ.ଏ.)

ସମ୍ପର୍କ କେବଳ ବାପ ପୁଅ, ମାଆ ଝିଅ ଓ ଝିଅପୁଅଙ୍କ ମଧ୍ୟରେ ହୋଇ ନ ଥାଏ। ପଶୁ, ପକ୍ଷୀ ଓ ସରିସୃପଙ୍କ ମଧ୍ୟରେ ବି ଗଢି ଉଠିଥାଏ। ମାଲକାନଗିରି ଜିଲାରେ ସାପ ମଣିଷ ମଧ୍ୟରେ ଗଢି ଉଠିଥିବା ପ୍ରେମ ସମ୍ପର୍କ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏକ ବିଷଧର ସାପ ସହ ଜଣେ ମହିଳାଙ୍କ ସମ୍ପର୍କ ଗଢି ଉଠିଛି। ମାଲକାନଗିରି ଜିଲା ନିଳିମାରି ଗ୍ରାମରେ ରହନ୍ତି ନିଳକଣ୍ଠ ଭୂମିଆଙ୍କ ପରିବାର। ନିଳକଣ୍ଠଙ୍କ ଚାଳ ଛପର ଘରେ ସାପଙ୍କ ପାଇଁ କରାହୋଇଛି ଉଇ ହୁଙ୍କାରେ ଘର। ଯେଉଁ ଉଇ ହୁଙ୍କାରେ ରହୁଛନ୍ତି ଦୁଇଟି ବିଷାକ୍ତ ସାପ ଏହି ଦୁଇ ସାପ ଯେପରି ପରିବାର ସହ ରହୁଛନ୍ତି ସତେ ଯେପରି ସେମାନେ ପରିବାରର ସଦସ୍ୟ । ନିଳକଣ୍ଠଙ୍କ ବଡ ଝିଅ ଏହି ଦୁଇ ସାପଙ୍କୁ କ୍ଷୀର ପିଇବାକୁ ଦେବା ସହ ଫଳ ମୂଳ ମଧ୍ୟ ଖାଇବା ପାଇଁ ଦେଉଛନ୍ତି। ତାଙ୍କର ସାପମାନଙ୍କ ସହ ଏତେ ନିବିଡ ସମ୍ପର୍କ ରହିଛି ଯେ, ରାତିରେ ଶୋଇଥିବା ବେଳେ ସାପ ୨ଟି ତାଙ୍କ ପାଖକୁ ଆସୁଛନ୍ତି। ସେ ଘରେ ଯେଉଁ କାମ କରୁଥିଲେ ମଧ୍ୟ ତାଙ୍କ ପଛେ ପଛେ ସାପ ଯାଇଥାନ୍ତି । ସାପକୁ ଦେଖିବା ମାତ୍ରେ ଲୋକେ ଡରିବା ସହ ଘଉଡାଇ ଦିଅନ୍ତି, ମାତ୍ର ନିଳିମାରୀ ଗ୍ରାମରେ ସାପ ଓ ମଣିଷର ସମ୍ପର୍କ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।


ସାପ ପାଇଁ ତିଆରି ହୋଇଥିବା ଉଇ ହୁଙ୍କାର ଘର ।

### ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ

ମାଲକାନଗିରି,୨୧୦ (ଡି.ଏନ୍.ଏ.)

ମାଲକାନଗିରିରେ ରବିବାର ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଜିଲା ସଦର ମହକୁମା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୫ ଘଟିକା ସମୟରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରି ସହର ପରିକ୍ରମା କକରାଯାଇଥିଲା। ପରେ ପୂର୍ବାହ୍ନ ୮ଟାରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋଛନାମୟୀ ଆଚାର୍ଯ୍ୟ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ବକ୍ତା ରୂପେ ସରୋଜ ଦାସ, ମହମ୍ମଦ ମଇନୁଦ୍ଦିନ, ଲାଲୁ ତୁଷାର ପାଣି ବକ୍ତବ୍ୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ର, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ବୁଦ୍ଧିଜୀବୀଙ୍କୁ ନେଇ ସଂସ୍କୃତି ଭବନଠାରେ ଏକ ସଭା ହୋଇଥିଲା।

# ଶତାୟୁ ଭୋଟରଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୨୧୦ (ଡି.ଏନ୍.ଏ.)

ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ବରିଷ୍ଠ ନାଗରିକ ଦିବସରେ ଶତାୟୁ ଭୋଟରମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଉଛି। ଏହି ଅବସରରେ ମାଲକାନଗିରି ଜିଲାର ୭ଟି ବ୍ଲକର ୧୮ ଜଣ ମହିଳା ପୁରୁଷ ଶତାୟୁ ଭୋଟରମାନଙ୍କୁ ସମ୍ମାନିତ କରାଯାଇଥିଲା। ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ଏମ୍.ଭି.-୪୩ ଗ୍ରାମର ରାଜାରାଣୀ ରାୟ (୧୧୦)ଙ୍କୁ ମାଲକାନଗିରି ଉପ ଜିଲାପାଳ ଅ କ୍ଷୟ ଖେମୁଣ୍ଡୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏଥିସହ ନିର୍ବାଚନ କମିଶନରଙ୍କ ଦ୍ୱାରା ପ୍ରସ୍ତୁତ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ମାଥିଲି ବ୍ଲକରେ ୪ଜଣ, କଲିମେଳା ବ୍ଲକର ୫ଜଣ, ଚିତ୍ରକୋଣ୍ଡା ବ୍ଲକର ଜଣେ, ଖଇରପଟ ବ୍ଲକର ୩ଜଣ, କୋରୁକୋଣ୍ଡା ବ୍ଲକର ଜଣେ, ପଡିଆ ବ୍ଲକର ୩ଜଣଙ୍କୁ ସମ୍ପୃକ୍ତ ବ୍ଲକର ବିଡିଓମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଛି।


ରାଜାରାଣୀ ରାୟଙ୍କୁ ଉପଜିଲାପାଳ ସମ୍ମାନିତ କରୁଛନ୍ତି।

# ଅନନ୍ୟା କବିତା ସଂକଳନର ପାଠକାର୍ପଣ ଉତ୍ସବ

ଜୟପୁର,୨୧୦ (ନି.ପ୍ର.)– ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ ପ୍ରଥମ କବିତା ସଂକଳନ 'ଅନନ୍ୟା'ର ପଠାକାର୍ପଣ ଉତ୍ସବ ରବିବାର ଜୟପୁରରଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ପୁସ୍ତକଟିକୁ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଲକ୍ଷ୍ମୀକାନ୍ତ ପାଢ଼ୀ, ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ର, ଡ. ଗଙ୍ଗାଧର ନନ୍ଦ ଏବଂ ଓଡିଶା ନାଟକ ଏକାଡେମୀର ସଦସ୍ୟ ନରେନ୍ଦ୍ର ମିଶ୍ର ପଠାକାର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ପଦୀପ ମିଶ୍ର, ଡ. କମଳାକୃଷ୍ଣ ତ୍ରିପାଠୀ, ଡ. ମନୋରଞ୍ଜନ ପ୍ରଧାନ ଏବଂ ସୁଧିରାଜ ରାଉତ ପୁସ୍ତକ ଉପରେ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ କବି ଜଳଧର ସ୍ୱାଇଁ, ଲେଖକ ସୁରେଶ ଦାସଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ କବୟିତ୍ରୀ ଓ କବମାନେ ଅନନ୍ୟାରୁ କେତେକ କବିତା ପାଠ କରିଥିଲେ। ଏହାକୁ ସୁଶ୍ରୀ ସମର୍ପିତା ପାଣିଗ୍ରାହୀ ଓ ସୁଶ୍ରୀ ସଂଘମିତ୍ରା ସେଠୀ ସଂଯୋଜନା କରିଥିଲେ। କବି ଅଶୋକ ପଲେଇ, ନିରଞ୍ଜନ ପାଣିଗ୍ରାହୀ ଓ ଅଶୋକ ମହାରଣା କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

### ରାମଧୁନ, ପ୍ରଭାତଫେରିରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

କୋରାପୁଟ,୨୧୦(ସ୍ୱ.ପ୍ର.)

କୋରାପୁଟ ସଦର ମହକୁମାରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ପ୍ରାତଃ ୫ ଘଣ୍ଟା ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ଓ ପ୍ରଭାତଫେରୀ କାର୍ଯ୍ୟକ୍ରମ ହୋଇଥିଲା। କୁକୁଡା ଫାର୍ମ ନିକଟରେ ଅବସ୍ଥାପିତ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଅବଦାଲ ଏମ. ଅଖତର, କୋରାପୁଟ ବିଧାୟକ ରଘୁରାମ ପଡାଲ, ଉପ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ପୌର ପରିଷଦ ପୂର୍ବତନ ଅଧକ୍ଷ ଭଗବାନ ବାହିନୀପତି, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝୀ, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କାରୁ ସୋରେନ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବସଷ୍ଟାଣ୍ଡ ନିକଟରେ ଥିବା ଗାନ୍ଧୀ ଉଦ୍ୟାନରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମରେ ଗାନ୍ଧୀ ଜୟନ୍ତୀ

ପଟ୍ଟାଙ୍ଗୀ,୨୧୦(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ମାଳିପୁଟ ପଞ୍ଚାୟତର ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ସିପାଇପୁଟ ଗ୍ରାମରେ ରବିବାର ଗାନ୍ଧି ଜୟନ୍ତୀ ପାଳିତ ହୋଇଛି। ବିଭିନ୍ନ ଦଳର କର୍ମୀମାନେ ଏକାଠି ହୋଇଥିଲେ। ପ୍ରଥମେ ଗାନ୍ଧିଜୀ ଏବଂ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବ୍ଲକର ୧ ନଂ. ଜୋନ ସଭାପତି ଟିକାଇ ଗେମେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ସ୍ୱାଧୀନତାରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଉପସ୍ଥିତ ୩ଟି ବ୍ଲକ ପଟ୍ଟାଙ୍ଗୀ, ସେମିଳିଗୁଡା ଓ ନନ୍ଦପୁରରୁ ଉପସ୍ଥିତ ଥିବା କିଛି କର୍ମୀ ତଥା ସମାଜିକ କର୍ମୀମାନେ ଶପଥ ପାଠ କରି ଆଗାମୀ ସାଧାରଣ ନିର୍ବାଚନରେ ଏଠାରୁ ଜଣେ ଦକ୍ଷ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ବାଛିବାକୁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୋବିନ୍ଦ ଖରା, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, ପୂର୍ବତନ ସରପଞ୍ଚ ପୁକାଲି ପଡାସେଠି ଆପାରାଓ , ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରର ଦାୟଦ ଜଗତରାଏ ଖରା, ଦାମୋଦର ଗୁଣ୍ଟା, ସାଡାମ ସରପଞ୍ଚ ରବି ହନ୍ତାଳ, ସମିତି ସଭ୍ୟ ରବି ପାଙ୍ଗି, ଗୁଣ୍ଟାପୁଟ ସରପଞ୍ଚ ବଳଭଦ୍ର ବରା, ମଦନ ଖିନିବୁଡି ପ୍ରମୁଖ ଉପସ୍ଥିତ ଥିଲେ। ସିପାଇପୁଟ ଗ୍ରାମର ବାସୁଦେବ ପାଙ୍ଗି ଓ ଜଗନ୍ନାଥ ଗେମେଲ ସହଯୋଗ କରିଥିଲେ ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମନେ ପଡ଼ନ୍ତି
ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କମଳା କୁମାରୀ ନନ୍ଦ
ସ୍ୱାଃ ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮
(ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭
(ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
ପରିବାରବର୍ଗ ।
ଧ-୧୬୯୮

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

ଜୟପୁର/ଦଶମନ୍ତପୁର/କୋଟପାଡ/ ଦାମନଯୋଡି, ୨୧୦ ( ଡି.ଏନ. ଏ.)

ଜୟପୁରରେ ରବିବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଜୟପୁର ଉପଖଣ୍ଡ ପ୍ରଶାସନ ତରଫରୁ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। ଗାନ୍ଧୀ ପାର୍କ ଓ ଗାନ୍ଧୀ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉପ ଜିଲାପାଳ ବେଦବର ପ୍ରଧାନ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିକ୍ରମ ଦେବ କଲେଜ ଅଧକ୍ଷ ଗୋପାଳ ହାଲଦାର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ପୁଜ୍ୟ ପୂଜା ସଂସଦ ସମ୍ପାଦକ ତପନ କିରଣ ତ୍ରିପାଠୀ, ବୈରାଗୀ ଚରଣ ସାହୁ, ଗ୍ରନ୍ଥାକାରକ ସନ୍ତୋଷ ସାହୁ, କୃଷି ଓ ବୈଷୟିକ ଅଧିକାରୀ ସାଇଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସିମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଜୟନ୍ତୀ କାର୍ଯ୍ୟକ୍ରମରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ରାମ ଧୁନ ଗାନ କରିଥିଲେ। ଜିଲା କୋର୍ଟ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି । ଜିଲା ଓକିଲ ସଂଘ ପକ୍ଷରୁ ଜୟନ୍ତୀ ପାଳିତ ହୋଇଛି । ଓକିଲ ସଂଘ ସଭାପତି ସରୋଜ ଦାସ, ସମ୍ପାଦକ ଅନନ୍ଦ ରଥ, ଗିରିଧର ଖରା ପ୍ରମୁଖ ଉପସ୍ଥିତଥିଲେ। ଜୟପୁର ଜିଲା କଂଗ୍ରେସ ଭବନଠାରେ ମଧ୍ୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। ଏଠାରେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗ ଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସେମାନଙ୍କ ନୀତି ଆଦର୍ଶରେ ଆନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ନିହାର ବିଷୋୟୀ, ସୁକାନ୍ତ ପଟ୍ଟନାୟକ, ବସନ୍ତ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ଦଶମନ୍ତପୁର ବ୍ଲକରେ ପ୍ରଶାସନ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବ୍ଲକରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଜୟନ୍ତୀ ପାଳିତ ହୋଇଥିଲା। ସେହିପରି ଦଶମନ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ବାସ ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିବା ବେଳେ ସଦର ପଞ୍ଚାୟତରେ ପାଳିତ ହୋଇଥିବା ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ସରପଞ୍ଚ ସବାଇ ମୁଦୁଲି, ନାଏବ ସରପଞ୍ଚ ବାସନ୍ତୀ ଖୁରା ଉପସ୍ଥିତ ଥିଲେ। ଏଥିସହ ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମଧ୍ୟ ଗାନ୍ଧୀ ଜୟନ୍ତୀ ପାଳନ ହୋଇଥିବା ଜଣାପଡିଛି।

କୋଟପାଡ ସହରର ବିଭିନ୍ନ ସ୍ଥାନରେ ରବିବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। କୋଟପାଡ ନାରୀସଂଘ ନେତୃତ୍ୱରେ ଗାନ୍ଧୀ ଛକଠାରେ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗୋପବନ୍ଧୁ ପାଠାଗାରଠାରେ ଥିବା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ସଭା ହୋଇଥିଲା। ଉପସ୍ଥିତ ଅତିଥିମାନେ ଉଭୟ ମହାପୁରୁଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନଏସି ଅଧକ୍ଷ ଏମ ଶଙ୍କର ରାଓ, ସମ୍ମାନିତ ଅତିଥି ଭାବେ ୭, ,୧୦ ନଂ ଓ ୧୨ ନଂ. ୱାର୍ଡର କାଉନସିଲର ମାନେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରଞ୍ଜନ ମହୁରିଆ ଯୋଗଦେଇ ଗୀତ ମାଧ୍ୟମରେ ଜୟନ୍ତୀର ମର୍ମ ବୁଝାଇ ନିଶା ନିବାରଣ ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ନାରୀସଂଘ ସଭାନେତ୍ରୀ ଶାନ୍ତିଲତା ବେହେରାଙ୍କ ନେତୃତ୍ୱରେ କୁସୁମି ପଞ୍ଚାୟତରୁ ଲିଲି ଗାଦବା, ଘୁମର ପଞ୍ଚାୟତରୁ ହିରାମଣୀ ଭତରା, ଚାନ୍ଦଲି ପଞ୍ଚାୟତରୁ ସୁନାମଣି ସଉରା, କର୍ଲାହାଣ୍ଡିରୁ ବୈଶାକି ମାଝୀ, ବାସୁଗୁଡାରୁ କାଲାବତୀ ନାୟକ, ମତି ରନ୍ଧାରୀ, ସନମତି ଗଉଡ, ସମାରି ସମରତ ଓ ବଣ୍ଡାଗୁଣ୍ଡାରୁ ହାରା ମାଝୀ, ମୁଙ୍ଗାଇ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୋପବନ୍ଧୁ ପାଠାଗାରର ସମ୍ପାଦକ ଟୁନା ପଣ୍ଡା ପରିଚାଳନା କରିଥିଲେ। ବିଜୟ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଗାନ୍ଧୀ ଛକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକା ପଦ୍ମିନୀ ଦିଆନ, ଜିଲ୍ଲା ଏସଡିସି ଅଧକ୍ଷ ଚନ୍ଦ୍ର ଶେଖର ମାଝୀ, ସୁଧୀର ମହାନ୍ତି, ପଙ୍କଜ ପାତ୍ର ପ୍ରମୁଖ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ନାଲକୋ ପକ୍ଷରୁ ସେକ୍ଟର -୩ ସ୍ଥିତ ଗାନ୍ଧୀ ଉଦ୍ୟାନ ମଧ୍ୟରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ସୁଶୀଲ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଭିନ୍ନ ବିଭାଗର ସମୂହ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ, ବିଭିନ୍ନ କର୍ମଚାରୀ ସଂଗଠନର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନାଲକୋ ଉଦ୍ୟାନ ବିଭାଗର ମନୋରଞ୍ଜନ ରଥ, ସଞ୍ଜୀବ କର, ପ୍ରଶାସନିକ ବିଭାଗର ସରୋଜ ନାଥ, ଅରୁଣ ମହାନ୍ତି ପରିଚାଳନା କରିଥିଲେ ।

OFFICE OF THE EXECUTIVE ENGINEER
MINOR IRRIGATION DIVISION, DHENKANAL
No.2447 / Dt.27.09.22
e-Procurement Notice
Bid Identification No. DMID / 07/ 2022-23
e-mail ID: eemidkl@yahoo.co.in

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

Sd./- Executive Engineer, M.I. Division, Dhenkanal
OIPR-32027/11/0005/2223

ପୃଷ୍ଠା-୮+୮

# ଧରିତ୍ରୀ
DHARITRI



ରାୟଗଡ଼ା, ସୋମବାର, ଅକ୍ଟୋବର ୩/୨୦୨୨ (୮+୮=୧୬ ପୃଷ୍ଠା) | Rayagada, Monday, October 3/2022 | Page 16 | ₹ 7.00 | ★

୧୨ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada | VOLUME 12 ISSUE 236 | ମୂଲ୍ୟ ₹୭/-



# ମଣ୍ଡପରେ ପୂଜା ପାଉଛନ୍ତି ଜଗଦ୍ଧାତ୍ରୀ


ପଦ୍ମପୁରଠାରେ ମଣ୍ଡପରେ ପୂଜା ପାଉଛନ୍ତି ମା' ।


ବିଷମକଟକ ପୂଜାମଣ୍ଡପ ।


ଗୁଡାରୀ ଟାଉନ୍ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ।


ରାୟଗଡ଼ା ବ୍ରାହ୍ମଣସାହି ପୂଜାକମିଟି ପକ୍ଷରୁ ପୂଜା ।


କୋରାପୁଟ ଓଏମ୍‌ପିଠାରେ ହୋଇଥିବା ପୂଜାମଣ୍ଡପ ।


ମାଲକାନଗିରି ଟାଉନ୍ କ୍ଲବ ।


ଡିଏନ୍‌କେ ବଣିକ ସଂଘ ।


ସାର୍ବଜନୀନ ଦୁର୍ଗାପୂଜା କମିଟି ।


ଆରକ୍ଷୀ ବାହିନୀ ପକ୍ଷରୁ ଦୁର୍ଗାପୂଜା ।

## ପଦ୍ମପୁରରେ ଦୁର୍ଗାପୂଜା

ପଦ୍ମପୁର,୨।୧୦(ଡି.ଏନ୍.ଏ.) ପଦ୍ମପୁର ବସଷ୍ଟାଣ୍ଡଠାରେ ଜଗତ ଜନନୀ ଦୁର୍ଗାଙ୍କ ପୂଜା ଆଡମ୍ବରରେ ପାଳନ ହେଉଛି। ଷଷ୍ଠୀ ଠାରୁ ମାଁଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ଚଣ୍ଡିପାଠ ହୋମଯଜ୍ଞ ଅନୁଷ୍ଠିତ ହେଉଛି। ଏହି ମଣ୍ଡପ ପଦ୍ମପୁର ଅଞ୍ଚଳରେ ଏକମାତ୍ର ପୂଜାମଣ୍ଡପ ହୋଇଥିବା ବେଳେ ଦୁଇ ବର୍ଷ ବ୍ୟବଧାନରେ ପୂଜା ହେଉଥିବାରୁ ଦର୍ଶନ ପାଇଁ ଅଞ୍ଚଳବାସୀ ଙ୍କ ଭିଡ଼ ଜମୁଛି।

## ଗାନ୍ଧୀ ଜୟନ୍ତୀରେ ଗାଁ ସମସ୍ୟା ନେଇ ଆଲୋଚନା

ଟିକିରି,୨।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ସମୟରେ ଗ୍ରାମରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଟିକିରି ସରପଞ୍ଚ ଜଗବନ୍ଧୁ ମାଝି, ବ୍ଲକ କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ଚନ୍ଦ୍ର ପରିଡ଼ା, ଜିଆର୍‌ଏସ ଜଗା ରାଓ କଣ୍ଡାଗରି ବୈଠକରେ ଉପସ୍ଥିତ ଥିଲେ। ଗ୍ରାମରେ ପାନୀୟ ଜଳ, ବିଭିନ୍ନ ସାହିକୁ ରାସ୍ତା, ପୋଖରୀ ସଫା କରିବା, ଟିକିରି ଅଞ୍ଚଳରେ ଖେଳ ପଡ଼ିଆ କରିବା ସହ ପାଠାଗାର ଖୋଲିବା ବିଷୟରେ ଆଲୋଚନା ହୋଇଥିଲା। ଉପରସ୍ଥ ଅଧିକାରୀଙ୍କୁ ସମସ୍ୟା ବିଷୟରେ ଜଣାଇବେ ବୋଲି କନିଷ୍ଠ ଯନ୍ତ୍ରୀ ପରିଡ଼ା କହିଛନ୍ତି।

## ବିଦେଶୀ ମଦ ଜବତ, ଜଣେ ଗିରଫ

ଟିକିରି,୨।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ବେଆଇନ ମଦ କାରବାର ବୃଦ୍ଧିପାଉଛି। ଟିକିରି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ରବିବାର ଶଙ୍କରଡ଼ା ପଞ୍ଚାୟତର ପୁଞ୍ଜିଗୁମ୍ଫା ଗ୍ରାମରେ ଚଢ଼ାଉ କରାଯାଇ ରୁଦ୍ର ପ୍ରସାଦ ସାହୁଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୫୦୦ ଏମ୍‌ଏଲ୍‌ର ୩୮ ଟି ବିୟର କ୍ୟାନ୍ ଏବଂ ୬୫୦ ଏମ୍‌ଏଲ୍‌ର ୮ ଟି ବୋତଲ ଜବତ କରାଯାଇଛି। ଏ ନେଇ ୧୩୨/୨୨ ରେ ଏକ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟିକିରି ଥାନା ଅଧିକାରୀ ଦେବଦୂତ ମଲ୍ଲିକ ସୂଚନା ଦେଇଛନ୍ତି।

## 'ସ୍ୱଚ୍ଛତା ହିଁ ସେବା'



ଦୁର୍ଗୀ,୨।୧୦(ଡି.ଏନ୍.ଏ.)- ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ରବିବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ସରପଞ୍ଚ ବିଜୟ କୁମାର କୁମୁରୁକା ଓ ପିଇଓ ପ୍ରମୋଦ କୁମାର ମିଶ୍ର ଉପସ୍ଥିତ ରହି ସ୍ୱଚ୍ଛତା ହିଁ ସେବା ବୋଲି ଉପସ୍ଥିତ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ଗାନ୍ଧୀ ଜୟନ୍ତି ଅବସରରେ ଦୁର୍ଗୀ ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏସ୍‌ଏଚ୍‌ଜି ମହିଳା ମିଳିତ ଭାବେ ସଫେଇ କାର୍ଯ୍ୟ କରିଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ସରପଞ୍ଚଙ୍କ ନେତୃତ୍ୱରେ ହୋଇଥିଲା। ସୁସ୍ଥ ଜୀବନ ପାଇଁ ନିଜ ଘର ଚତୁଃପାର୍ଶ୍ୱ ଏବଂ ଅଞ୍ଚଳକୁ ସଫା କରିବା ପାଇଁ ସରପଞ୍ଚ ବୁଝାଇଥିଲେ। କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ଆଶାକର୍ମୀଙ୍କ ପରାମର୍ଶ ନେବାକୁ ପରାମର୍ଶ ଦିଆଯାଇଛି।

# ଭୁଶୁଡ଼ିଲା ଜିଲାର ସର୍ବପୁରାତନ ଜେଇଏଲସି ଚର୍ଚ୍ଚ

କୋରାପୁଟ,୨।୧୦(ସ୍ୱ.ପ୍ର.)

ଶନିବାର କୋରାପୁଟରେ ହୋଇଥିବା ଘଡଘଡି ସହ ପ୍ରବଳ ବର୍ଷା ଯୋଗୁ କୋରାପୁଟ ସହରରେ ଥିବା ଅବିଭକ୍ତ କୋରାପୁଟ ଜିଲାର ସର୍ବପୁରାତନ ଜେଇଏଲସି ଚର୍ଚ୍ଚର ଉପରିଭାଗ ଭୁଷୁଡି ପଡିଛି। ଗତ ୧୯୦୬ରେ ନିର୍ମାଣ କରାଯାଇଥିବା ଏହି ଚର୍ଚ୍ଚର ତୁରନ୍ତ ନିର୍ମାଣ ନେଇ ଦଳମତ ନିର୍ବିଶେଷରେ ସମସ୍ତେ ସହାୟତା ଦେବାକୁ ଆଗେଇ ଆସିଛନ୍ତି। ଶନିବାର ରାତିରେ ଏହି ଚର୍ଚ୍ଚ ଭୁଶୁଡିପଡିବା ଖବର ପ୍ରଚାରିତ ହେବା ପରେ ଶତାଧିକ ଖ୍ରୀଷ୍ଟୀୟ ଧର୍ମାଲମ୍ବୀ ଭଉଣୀ ଭାଇ ଚର୍ଚ୍ଚ


ଶନିବାର ରାତିରେ ବର୍ଷାରେ ଭୁଶୁଡି ପଡିଥିବା ଚର୍ଚ୍ଚ।

ନିକଟକୁ ଆସି ଦେଖିବା ସହ ରବିବାର ମୁଖ୍ୟ ପ୍ରାର୍ଥନା ଚର୍ଚ୍ଚ ନିକଟରେ ଥିବା ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ରବିବାର ସକାଳେ ଏହି ସ୍ଥାନକୁ ଦେଖିବା ପାଇଁ ସମସ୍ତ ଦଳର ନେତା ପରିଦର୍ଶନ କରିଛନ୍ତି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ , ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ରଘୁରାମ ମାଛ, କଂଗ୍ରେସ ନେତା କୃଷ୍ଣ କୁଲଦୀପ, ବାବୁଲା ବେନିଆ ପ୍ରମୁଖ ଚର୍ଚ୍ଚ ନିକଟରେ ପହଞ୍ଚି ଏହାର ଶୀଘ୍ର ନିର୍ମାଣ କରାଯିବା ନେଇ ଗୁରୁତ୍ୱାରୋପ କରିଛନ୍ତି । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

### କୋରାପୁଟରେ ପ୍ରବଳ ବର୍ଷା

# ବିଷମକଟକରେ ଆଡମ୍ବରରେ ଚାଲିଛି ମାଁଙ୍କ ପୂଜା

ବିଷମକଟକ ୨।୧୦(ଡି.ଏନ୍.ଏ.)

### ବିଜୟା ଦଶମୀର ଆକର୍ଷଣ ରାବଣପୋଡ଼ି, ମେଲୋଡି

ରାୟଗଡ଼ା ଜିଲା ବିଷମକଟକ ଠାରେ ମାଁ ଦୁର୍ଗାଙ୍କ ମହା ସପ୍ତମୀ ପୂଜାର୍ଚ୍ଚନା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଷମକଟକ କଲ୍ୟାଣ ମଣ୍ଡପ ପରିସରରେ ଅସ୍ଥାୟୀ ମଣ୍ଡପରେ ମାଁଙ୍କ ପୂଜାର୍ଚ୍ଚନା ଚାଲିଛି। ୨ ବର୍ଷ ପରେ ଜାକଜମକରେ ମାଁଙ୍କ ପୂଜା ଅନୁଷ୍ଠିତ ହେଉଛି। ଅକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ଅଞ୍ଚଳ ଝଲସି ଉଠୁଛି। ଶନିବାର ଷଷ୍ଠୀରେ ଗଙ୍ଗା ଆବହନ କରି ମାଁଙ୍କ ପୂଜା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ପୂଜା ସ୍ଥଳରେ ପୂଜାନୀତି ସହ ଚଣ୍ଡିପାଠ କରାଯାଉଛି। ବିଷମକଟକର ପୁରୋହିତ ରାମଚନ୍ଦ୍ର ରଥ, କେଶବ ରଥ, ସପନ କୁମାର ରଥ, ଦେବନାଥ ହୋତା ଏବଂ ପ୍ରତାପ ତ୍ରିପାଠୀ ପୂଜାକର୍ମ ପରିଚାଳନ କରୁଛନ୍ତି । ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳାର ସହ ଦର୍ଶନ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ବିଷମକଟକ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୂଜା ପରିଚାଳନ କମିଟି ସଦସ୍ୟ ଅନିଲ କୁମାର ଦାଶ, ବିଭୁତି ନାୟକ, ଲିଙ୍ଗା, ଚନ୍ଦନ ସାହୁ, ଡି. ଅମର ପ୍ରସାଦ, ସିତାରାମ ପାଣିଗ୍ରାହୀ, ହରିହର ପଟ୍ଟନାୟକ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି। ଅଞ୍ଚଳର ଯୁବଗୋଷ୍ଠୀ ସହଯୋଗ କରୁଥିବା କମିଟି ପକ୍ଷରୁ କୁହଯାଇଛି। ବିଜୟା ଦଶମୀରେ କମିଟି ତରଫରୁ ସ୍ଥାନୀୟ ଷ୍ଟାଡିୟାମରେ ରାବଣ ପୋଡ଼ି ସାଙ୍ଗକୁ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ରାୟଗଡ଼ା ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ରାୟଗଡ଼ା ଅଫିସ,୨।୧୦

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧିଜୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନ ଠାରେ ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ରାୟଗଡ଼ା ପୌରାଧ୍ୟକ୍ଷ ମହେଶ ପଟ୍ଟନାୟକ, ଉପନଗର ପାଳ ଶୁଭ୍ରା ପଣ୍ଡା, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟ ଉପସ୍ଥିତ ରହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ଏହି ଅବସରରେ ବିଭିନ୍ନ ଧର୍ମଗୁରୁ ଉପସ୍ଥିତ ରହି ଧର୍ମଗ୍ରନ୍ଥ ପାଠ କରିଥିଲେ। ଏଥି ପୂର୍ବରୁ ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଛକରୁ ଏକ ଶୋଭାଯାତ୍ରାରେ ବାହାରି ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରି ପହଞ୍ଚିଥିଲେ। ଶୋଭାଯାତ୍ରାରେ ପ୍ରେମ ପାହାଡ଼ ୱାକର୍ସ କ୍ଲବ, ଜିସିଡି ୱାକର୍ସ କ୍ଲବ, ସାଇପ୍ରିଆ ୱାକର୍ସ କ୍ଲବ, ରାୟଗଡ଼ା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଜିସିଡି ହାଇସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସନ୍ଧ୍ୟାରେ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ମନେ ପକାଇଥିଲେ। ଏହି ଅବସରରେ ବିଧାୟକ ମକରନ୍ଦ ମୁଦୁଲି, ସର୍ବୋଦୟ ମଣ୍ଡଳୀ ସଦସ୍ୟ ବାଦଲ କୁମାର ତା, ଶିକ୍ଷାବିତ ଦୁଷ୍ମନ୍ତ ମହାନ୍ତି, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ଧନ୍ୟବାଦ ଦେଇଥିଲେ। ଜିଲାର ଲୋକପ୍ରିୟ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ନାୟକ ଓ ସାଥୀ କଳାକାର ସୁନ୍ଦର ଭଜନ ପରିବେଷଣ କରିଥିଲେ। ପରେ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ସହ ନିର୍ଦ୍ଦେଶକ ଜୟସୀ ଡୁଙ୍ଗଡୁଙ୍ଗଙ୍କ ଉପସ୍ଥିତିରେ ୧୬ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟଦେଶ ପ୍ରଦାନ କରାଯାଇଥିଲା।

## ନାରାୟଣପାଟଣାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ନାରାୟଣପାଟଣା, ୨।୧୦(ଡି.ଏନ. ଏ.)

ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ। ରବିବାର କୋରାପୁଟ ଜିଲାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ନାରାୟଣପାଟଣା ବ୍ଲକରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡି କର୍ମକର୍ତ୍ତାଙ୍କ ସହ ବିଧାୟକ ପ୍ରଭୁ ଜାନୀ,ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ୪ଟି ବ୍ଲକର ବ୍ଲକ ସଭାପତି ,ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ପଦଯାତ୍ରାରେ କର୍ମକର୍ତ୍ତାମାନେ ଜଗନ୍ନାଥ ମନ୍ଦିରରୁ ବାହାରି ଗାନ୍ଧି ଛକ ଠାରେ ଗାନ୍ଧୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ପରେ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ଜନହିତକର କାର୍ଯ୍ୟର ଉପକାରିତା ଓ ସଫଳତାକୁ ଜନପ୍ରତିନିଧିମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପଦଯାତ୍ରା ରବିବାରଠାରୁ ଦୀର୍ଘ ଏକ ମାସ ଧରି ବିଭିନ୍ନ ଗ୍ରାମାଞ୍ଚଳ, ସହରାଞ୍ଚଳରେ ଜାରି ରହିବ ବୋଲି ସୂଚନା ଦେଇଥିଲେ।

# ଗୁଣପୁରରୁ ଆରମ୍ଭ ହେଲା ଜନସମ୍ପର୍କ ପଦଯାତ୍ରା



ଗୁଣପୁର,୨।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଗୁଣପୁରରୁ ଆରମ୍ଭ ହୋଇଛି। ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପଦଯାତ୍ରା ଆରମ୍ଭ କରାଯାଇଛି। ନୂଆ ବସଷ୍ଟାଣ୍ଡରୁ ପଦଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଦଳୀୟ କର୍ମୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସହର ପରିକ୍ରମା କରିଥିଲେ। ବିଜେଡି ଜିଲା ସଭାପତି ସୁଧୀର ଦାସଙ୍କ ନେତୃତ୍ୱରେ ହୋଇଥିବା ପଦଯାତ୍ରାରେ ଆଦିବାସୀ ଉନ୍ନୟନ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ପ୍ରମୁଖ ସାମିଲ ହୋଇଥିଲେ।

ରଜ୍ୟ ସରକାରଙ୍କ ଜନହିତକର ଯୋଜନା ଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଦଳକୁ ଆହୁରି ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ନଭେମ୍ବର ୨ ପର୍ଯ୍ୟନ୍ତ ଏହି ପଦଯାତ୍ରା ବିଭିନ୍ନ ସ୍ଥାନରେ ଚାଲିବ। ରବିବାର ଗୁଣପୁର ଠାରୁ ଏହି ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ପଦଯାତ୍ରା ପୂର୍ବରୁ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ବ୍ଲକର ବିଭିନ୍ନ ପଞ୍ଚାୟତ ଯଥା କୁଲସିଂ, ଚିନାସରି, ଆବେଡ଼ା, ଶଗଡ଼ା, ପୁଟାସିଂ, ରେଗେଡ଼ା, ଶିରିଝୋଲି, ଗାଦିଆଖଳା ଓ ଘନାନ୍ତି ସମିତି ସଭ୍ୟ ବିଜେଡି ଦଳରେ ସାମିଲ ହୋଇଥିଲେ।

## ଜଙ୍ଗଲରୁ ମାଓବାଦୀ ପୋତିଥିବା ଟିଫିନ ବୋମା ଉଦ୍ଧାର

ମାଲକାନଗିରି,୨।୧୦ (ସ୍ୱ.ପ୍ର.)–

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଛୋଟେଡଙ୍ଗର ଜଙ୍ଗଲରେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ପୋତିଥିବା ଟିଫନ ବୋମାକୁ ଉଦ୍ଧାର କରାଯାଇଛି । ଡିଆରଜି ଓ ସିଆରପିଏଫ ଯବାନମାନେ ଏହି ଜଙ୍ଗଲକୁ କୋମ୍ବିଂ ଅପରେଶନରେ ଯାଇଥିବା ବେଳେ ମେଟାଲ ଡିଟେକ୍ଟରର ସାଇରନ ବାଜି ଉଠିଥିଲା। ପରେ ସେମାନେ ସତର୍କତାର ସହିତ ବିଭିନ୍ନ ସ୍ଥାନ ଖାନତଲାସି କରିବାରୁ ରାସ୍ତାରେ ପୋତା ଯାଇଥିବା ଏକ ୫କେଜି ଓଜନର ଟିଫିନ ବୋମା ଉଦ୍ଧାର କରିଥିଲେ। ଉଦ୍ଧାର ବୋମାକୁ ନିକଟସ୍ଥ ଜଙ୍ଗଲରେ ନିଷ୍କ୍ରିୟ କରାଯାଇଥିବା ଜଣାପଡିଛି।

# ପଦ୍ମପୁର ଅଞ୍ଚଳର ସମସ୍ୟା ସମାଧାନକୁ ଗୁରୁତ୍ୱ

ପଦ୍ମପୁର,୨।୧୦(ଡି.ଏନ୍.ଏ.)

### ସ୍ୱତନ୍ତ୍ର ଗ୍ରାମସଭା

ରାୟଗଡ଼ା ଜିଲା ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟରେ ସତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବିଡିଓ ରୀନା ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ସମେତ ପଦ୍ମପୁରର ବହୁ ବରିଷ୍ଠ ନାଗରିକ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସଭାରେ ପଦ୍ମପୁର ଅଞ୍ଚଳର ପାନୀୟ ଜଳ ସମସ୍ୟା, ରାସ୍ତାଘାଟ, ପରିମଳ ବ୍ୟବସ୍ଥା ଆଦିର କିପରି ସମାଧାନ ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ପଦ୍ମପୁର ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ।


ସଭାରେ ଉପସ୍ଥିତ ପଦ୍ମପୁର ସରପଞ୍ଚ, ପିଇଓ ଓ ଅନ୍ୟମାନେ।

# ୭ ଦିନ ହେଲା ଚାଷଜମିକୁ ଜଳଯୋଗାଣ ବନ୍ଦ

ପଦ୍ମପୁର,୨।୧୦(ଡି.ଏନ୍.ଏ.)

- ଭାଙ୍ଗିଯାଇଛି ବଡ଼ନାଳ ପକଳ୍ପର ଦ୍ୱିତୀୟ ସାଇଫନ୍
- ମରାମତି କାମ ଆରମ୍ଭ

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ କେନ୍ଦୁଗୁଡ଼ା ସ୍ଥିତ ବଡ଼ନାଳ ମଧ୍ୟମ ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ସାଇଫନ ୭ ଦିନ ହେଲା ଭାଙ୍ଗିଯାଇ ଥିବାରୁ ଚାଷଜମିକୁ ଜଳସେଚନ ହୋଇପାରୁନି। ଫଳରେ ଚାଷୀ ସମସ୍ୟା ଭୋଗୁଛନ୍ତି। ରବିବାର ବଡ଼ନାଳ ପ୍ରକଳ୍ପର ୫ ଜଣିଆ ଟିମ୍ ପହଞ୍ଚି ବାରମ୍ବାର ସାଇଫନ କେଉଁ କାରଣରୁ ଭାଙ୍ଗୁଛି ସେ ବିଷୟରେ ଅନୁଧ୍ୟାନ କରିଛନ୍ତି। ଏଥିସହ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାମ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ବଡ଼ନାଳ ମଧ୍ୟମ ଜଳସେଚନ ପ୍ରକଳ୍ପ ଜରିଆରେ ପଦ୍ମପୁର, ଗୁଡାରୀ, ରାମନାଗୁଡ଼ା ଓ ଗୁଣପୁର ଅଞ୍ଚଳର କେତେକ ଚାଷ ଜମିକୁ ଜଳସେଚନ ହେଉଛି। ଏହି ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ୭ ହଜାର ହେକ୍ଟର ଏବଂ ରବି ଋତୁରେ ୩ ହଜାର ହେକ୍ଟର ଜମିକୁ ଜଳସେଚନ ହେଉଛି। ତେବେ ଦୁର୍ବଳ ସାଇଫନ ବାରମ୍ବାର ଭାଙ୍ଗୁଥିବାରୁ ରବିଋତୁ ସମୟରେ ସମ୍ପୂର୍ଣ୍ଣ ମରାମତି କାର୍ଯ୍ୟ କରାଯିବ ବୋଲି ପ୍ରକଳ୍ପର ଉପ ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ବଡ଼ନାଳ ପ୍ରକଳ୍ପ ହଜାର ହଜାର ଚାଷୀଙ୍କ ପାଇଁ ଜଳସେଚନର ଏକମାତ୍ର ମାଧ୍ୟମ। ତେଣୁ ଶୀଘ୍ର ଚାଷଜମିକୁ ଜଳ ଯୋଗାଇବାକୁ ଚାଷୀମାନେ ଦାବି କରିଛନ୍ତି।



